# -: ବିଜ୍ଞପ୍ତି :-

ଏତଦ୍ୱାରା ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟନ ସମ୍ବନ୍ଧରେ ନିମ୍ନଲିଖିତ ବିଷୟମାନ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ।

୧. ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ୨୦୧୮ ମସିହା ନଭେମ୍ବର ୦୧ ତାରିଖଠାରୁ ପର୍ଯ୍ୟଟନ ନିମନ୍ତେ ଖୋଲା ରହିବ ।

୨. ଦୈନିକ ସର୍ବାଧିକ ପ୍ରଥମେ ଆସିଥିବା ୩୫ଗୋଟି ଚାରି ଚକିଆ ଯାନ କାଳିଆଣି ତନଖି ଫାଟକ (ଯଶିପୁର) ମଧ୍ୟଦେଇ ଓ ପ୍ରଥମ ୨୫ଗୋଟି ଚାରିଚକିଆ ଯାନ ପିଠାବଟା ତନଖି ଫାଟକ ମଧ୍ୟଦେଇ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପ୍ରବେଶପାଇଁ ଅନୁମତି ଦିଆଯିବ ।

୩. ପର୍ଯ୍ୟଟକମାନେ କେବଳ ପିଠାବଟା ଏବଂ କାଳିଆଣି (ଯଶିପୁର) ଦେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିପାରିବେ ।

୪. ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ନିମନ୍ତେ ପ୍ରବେଶ ଅନୁମତି ପତ୍ର କେବଳ ପିଠାବଟା ଓ ଯଶିପୁର ବୁକିଂ କାଉଣ୍ଟରରୁ ସକାଳ ୬ଘଣ୍ଟାରୁ ଦିନ ୯ଘଣ୍ଟା ପର୍ଯ୍ୟନ୍ତ ମିଳିପାରିବ ।

୫. ଅଭୟାରଣ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନୀୟମାବଳୀମାନ ପାଳନ ନିମନ୍ତେ ଲିଖିତନାମା ଦେବେ । ନୀୟମାବଳୀ ଉଲଙ୍ଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

୬. ପର୍ଯ୍ୟଟକଙ୍କ ଯାନ, ପର୍ଯ୍ୟଟକ ଏବଂ ତାଙ୍କ ଜିନିଷପତ୍ରକୁ ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ତନଖି ଫାଟକକରେ ଯାଞ୍ଚ କରାଯିବ ।

୭. ଅପରାହ୍ନ ୩ଘଣ୍ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକମାନେ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଓ ଅପରାହ୍ନ ୪ଘଣ୍ଟିକା ପୂର୍ବରୁ ଚହଲା ସ୍ଥାନରୁ ଛାଡିବାକୁ ପଡ଼ିବ ।

୮. ପର୍ଯ୍ୟଟକ ତାଙ୍କ ଫେରନ୍ତା ଯାତ୍ରା ଏପରି ଭାବରେ ପ୍ରସ୍ତୁତ କରିବେ ଯେପରିକି ସେମାନେ ସେହି ଦିନ ସନ୍ଧ୍ୟା ୫ଘଣ୍ଟିକା ସୁଦ୍ଧା ପ୍ରସ୍ଥାନ ତନଖି ଫାଟକ (ପିଠାବଟା/ ତୁଳସିବଣି/ କାଳିଆଣି) ଅତିକ୍ରମ କରିବେ ।

୯. କୌଣସି କାରଣ ବସତଃ ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ସେହି ଯାନରେ ଥିବା ପର୍ଯ୍ୟଟକମାନଙ୍କୁ ବାରିପଦା/ ଯଶିପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରିବା ପାଇଁ (ଅଗ୍ରୀମ ଟଙ୍କା ୪୦୦୦/- ଜମା କଲେ) ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବେ ଏଥିପାଇଁ ପର୍ଯ୍ୟଟକଙ୍କ ଯାନ ଚାଳକଙ୍କଠାରୁ ଟ. ୪୦୦୦/- (ଚାରି ହଜାର ଟଙ୍କା) ଆଦାୟ କରାଯିବ ଏଥି ନିମନ୍ତେ ଯାନ ଚାଳକମାନେ ପ୍ରସ୍ତୁତ ରହିବା ଦରକାର ।

୧୦. ଯଦି କୌଣସି ଯାନ ବଳବତ୍ତର ଥିବା ନୀୟମାବଳୀକୁ ଦ୍ୱିତୀୟ ଥର ଉଲଙ୍ଘନ କରିବେ, ତେବେ ସେହି ଯାନକୁ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ ନିମନ୍ତେ ଭବିଷ୍ୟତରେ ଅନୁମତି ଦିଆଯିବନାହିଁ ।

୧୧. ଶିମିଳିପାଳ ଅଭୟାରଣ୍ୟର କୁମାରି, ଗୁଡ଼ଗୁଡିଆ, ରାମତୀର୍ଥ ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡିକରେ ରାତ୍ରୀଯାପନ ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟ୍ **www.ecotourodisha.com**ରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ ।

୧୨. ଭ୍ରମଣପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲିବାର ନିଷ୍ପତ୍ତି ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନକରି ସୁଚିନ୍ତିତ ସିଦ୍ଧାନ୍ତମାନ ଗ୍ରହଣ କରାଯିବ ।

୧୩. ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପ୍ରବେଶ ସମୟରେ ପ୍ରତ୍ୟେକ ଯାନ ସହିତ ଜଣେ ଗାଇଡ୍ ନେବା ବାଧ୍ୟତାମୂଳକ ।

20.10.18

ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ତଥା-କ୍ଷେତ୍ର ନିର୍ଦ୍ଦେଶକ,
ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ, ବାରିପଦା